## ଧର୍ମାନ୍ତରୀକରଣକୁ ନିଷେଧ ପାଇଁ ଦାବୀ- କେତେଦୂର ଯୁକ୍ତିଯୁକ୍ତ ?

କନ୍ଧମାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ଓ ତାଙ୍କର ଚାରି ସହଯୋଗୀଙ୍କୁ ଅଜଣା ଦୁର୍ବୃତ୍ତଙ୍କ ଦ୍ୱାରା ପବିତ୍ର ଜନ୍ମାଷ୍ଟମୀ ରାତିରେ ଅତର୍କିତ ଭାବେ ନିର୍ମମ ହତ୍ୟା କରାଯିବା ନିଶ୍ଚିତ ରୂପେ ଏକ ଘୃଣ୍ୟ ଓ ବର୍ବରୋଚିତ କାର୍ଯ୍ୟ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏହାମଧ୍ୟ ଏକ ଶୁଭ ଲକ୍ଷଣ ଯେ, ଏହାକୁ ସ୍ଥାନୀୟଠୁଁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ସମସ୍ତ ଧାର୍ମିକ ସଂସ୍ଥା, ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ସମସ୍ୱରରେ ଦୃଢ଼ ନିନ୍ଦାବାଦ କରିସାରିଲେଣି । ସମସ୍ତେ ମଧ୍ୟ ଚାହାଁନ୍ତି, ଏହି ହତ୍ୟାକାଣ୍ଡ ପଛରେ ଥିବା ସତ୍ୟାସତ୍ୟ ଯଥାଶୀଘ୍ର ଲୋକଲୋଚନକୁ ଆସୁ । କିନ୍ତୁ ପ୍ରକୃତ ସତ୍ୟ କିପରି ବାହାରିବ ? ଏଥିରେ ରାଜ୍ୟସରକାରଙ୍କର ଏକ ପ୍ରମୁଖ ଭୂମିକା ରହିଛି । ଓଡିଶା ସରକାର ଯେମିତି ଅତୀତରେ ଖ୍ରୀଷ୍ଟିଆନ୍ ମିସନାରୀ ଗ୍ରାହାମ ଷ୍ଟେନ୍ ଓ ତାଙ୍କର ଦୁଇପୁତ୍ରକୁ ପୋଡିମାରିବା ଘଟଣାକୁ ସି.ବି.ଆଇ. ଦ୍ୱାରା ତଦନ୍ତ କରାଇଥିଲେ, ସେମିତି ଯଦି ବର୍ତ୍ତମାନର ଲକ୍ଷ୍ମଣାନନ୍ଦ ହତ୍ୟା ଘଟଣାକୁ ସି.ବି.ଆଇ. ହାତରେ ସମର୍ପି ଥାନ୍ତେ, ତେବେ ଏତେବେଳକୁ ଅନୁସନ୍ଧାନ ପ୍ରକ୍ରିୟା ବହୁତ ଦୂର ଆଗେଇ ସାରନ୍ତାଣି ଏବଂ କେତେକ ପ୍ରକୃତ ଅପରାଧୀ ହୁଏତ୍ ଧରା ପଡିସାରିନ୍ତେଣି । କିନ୍ତୁ ସି.ବି.ଆଇ. ତଦନ୍ତ ପାଇଁ ଚାରିଆଡୁ ଦାବୀ ଉଠୁଥିବା ବେଳେ ରାଜ୍ୟ ସରକାର କାହିଁକି ବିଚାରବିଭାଗୀୟ ତଦନ୍ତ ଉପରେ ଅଡିବସୁଛନ୍ତି, ତାହା ଅତ୍ୟନ୍ତ ରହସ୍ୟଜନକ ମନେହୁଏ । ଅଧିକ ରହସ୍ୟଜନକ ହେଉଛି, ରାଜ୍ୟସରକାରଙ୍କ ଅଂଶୀଦାର ଦଳ ବି.ଜେ.ପି.ର ମନୋଭାବ । ଏହି ଦଳ ବିଧାନସଭା ଭିତରେ ଓ ବାହାରେ ତୁମୁଳ ହଟ୍ଟଗୋଳ କରିଥିଲେ ହେଁ ସେ କ'ଣ ପ୍ରକୃତରେ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକାରୀଙ୍କୁ ପଦାରେ ପକାଇବାକୁ ଚାହାଁନ୍ତି ? ମନେ ହୁଏ, ନାଁ । ଅନ୍ୟଥା ସେମାନେ ନିଜେ ସରକାରରେ ଥାଇ ସି.ବି.ଆଇ. ତଦନ୍ତ ଦାବୀ ଉପରେ ପ୍ରମୁଖ ଦଳ ବିଜେ.ଡି. ଉପରେ ଚାପ ପକାଉ ନାହାନ୍ତି କାହିଁକି ? ମନେହୁଏ, ସେମାନେ ଲକ୍ଷ୍ମଣାନନ୍ଦ ହତ୍ୟାକାରୀଙ୍କୁ ପଦାରେ ପକାଇବା ଠାରୁ ଏହି ଅଘଟଣକୁ ପୁଞ୍ଜିକରି ଆଗାମୀ ନିର୍ବାଚନ ପାଇଁ କୌଣସିମତେ ଜନସମର୍ଥନ ସୃଷ୍ଟି କରିବାରେ ବେଶୀ ଆଗ୍ରହୀ, ନଚେତ୍ ଠିକ୍ ଏହି ସମୟରେ ସି.ବି.ଆଇ. ତଦନ୍ତ ଦାବୀକୁ ଉପେକ୍ଷା କରି ଧର୍ମାନ୍ତରୀକରଣ ଓ ଗୋବଧ ନିରୋଧ ପାଇଁ ଆଇନ୍ କରିବା ଦାବୀ ଉପରେ ହୋହଲ୍ଲା କାହିଁକି କରନ୍ତେ ?

**ଧର୍ମାନ୍ତରଣ ଉପରେ ନୂଆ ଆଇନ୍ ଆବଶ୍ୟକ କି ?**

ଧର୍ମାନ୍ତରଣକୁ ନିଷିଦ୍ଧ କରିବାର ଦାବୀଟି କେବଳ ଯେ ସମ୍ବିଧାନ ବିରୋଧୀ ତାହା ନୁହେଁ, ତାହା ଭାରତୀୟ ଭୂଖଣ୍ଡରେ ପ୍ରାଗୈତିହାସିକ କାଳରୁ ଚଳି ଆସୁଥିବା ମହୋଦାର ଧର୍ମାଚାରର ପରମ୍ପରା ତଥା ଉତ୍କଳୀୟ ସଂସ୍କୃତିର ପରିପନ୍ଥୀ । ସମ୍ବିଧାନର ଧାରା ୨୫ ଅନୁଯାୟୀ ପ୍ରତି ବ୍ୟକ୍ତିଙ୍କୁ ନିଜର ବିବେକ ଅନୁଯାୟୀ କାର୍ଯ୍ୟ କରିବାକୁ ତଥା ଯେ କୌଣସି ଧର୍ମକୁ ଗ୍ରହଣ, ଆଚରଣ ଓ ପ୍ରସାରଣ ପାଇଁ ମୌଳିକ ଅଧିକାର ଦିଆଯାଇଛି ଏବଂ ଧାରା ୨୬ ଅନୁଯାୟୀ ପ୍ରତି ଧର୍ମୀୟ ଗୋଷ୍ଠୀଙ୍କୁ ନିଜର ଧର୍ମପ୍ରସାର, ଦାତବ୍ୟ କାର୍ଯ୍ୟକ୍ରମ ତଥା ସମ୍ପତ୍ତିବାଡିର ପରିଚାଳନା ପାଇଁ ମୌଳିକ ଅଧିକାର ଦିଆଯାଇଛି । ଯେଉଁଠି ଧର୍ମ ନାଁରେ ଅବାଂଛିତ କାର୍ଯ୍ୟକଳାପ ଘଟିଥାଏ, ତାକୁ ନିୟନ୍ତ୍ରଣ କରିବା ପାଇଁ ଧାରା ୨୫ର ଉପଧାରା (୨) ଅନୁଯାୟୀ ରାଷ୍ଟ୍ରକୁ କ୍ଷମତା ଦିଆଯାଇଛି । ଧରନିଆଯାଉ, ବି.ଜେ.ପି. ଏବଂ ଏହାର ସହୋଦରୀ ହିନ୍ଦୁବାଦୀ ସଂସ୍ଥା ତଥା ପୁରୀ ରାଜା ଇତ୍ୟାଦିଙ୍କ କହିବା ଅନୁଯାୟୀ, ଓଡିଶାରେ ବଳପୂର୍ବକ ଭାବେ ବା ଲାଞ୍ଚମିଛ ବଳରେ ଖ୍ରୀଷ୍ଟୀୟାନ୍ ପାଦ୍ରୀମାନେ ଆଦିବାସୀ ଓ ଦଳିତ ଲୋକଙ୍କୁ ନିଜ ଧର୍ମରେ ଦୀକ୍ଷିତ କରିଦେଉଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ଓଡିଶାରେ ଏପ୍ରକାର ଅବାଂଛିତ ଧର୍ମାନ୍ତରୀକରଣକୁ ନିୟନ୍ତ୍ରଣ କରିବା ପାଇଁ ଆଇନ୍ ଅଛି କି ? ହଁ ଅଛି । ଏହା ହେଉଛି ଓଡିଶା ଧାର୍ମିକ ସ୍ୱାଧୀନତା ଆଇନ୍, ୧୯୬୭ ଓ ନିୟମାବଳୀ ୧୯୮୯ । ଏହି ଆଇନ୍ ଅନୁଯାୟୀ, ପ୍ରଥମେ ଧର୍ମାନ୍ତର ଚାହୁଁଥିବା ବ୍ୟକ୍ତି ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଏକ ଘୋଷଣା କରିବେ । ଏହାପରେ କେଉଁ ଧର୍ମର ପୁରୋହିତ କେଉଁ ଧର୍ମର/ଗୋଷ୍ଠୀର ବ୍ୟକ୍ତିଙ୍କୁ କେଉଁଠି ଓ କେବେ ଧର୍ମାନ୍ତର କରିବାକୁ ଚାହୁଁଛି, ତାହା ସେହି ପୁରୋହିତ ପ୍ରସ୍ତାବିତ ଧର୍ମାନ୍ତରଣ ଉପଲକ୍ଷର ଅନ୍ତତଃ ୧୫ ଦିନ ପୂର୍ବରୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଫର୍ମ 'ଏ'ରେ ଜଣାଇବେ । ଜିଲ୍ଲା ମାଜିଷ୍ଟ୍ରେଟ୍ ସଙ୍ଗେସଙ୍ଗେ ଫର୍ମ-'ବି'ରେ ଏହି ଅବଗତିର ପ୍ରାପ୍ତିସ୍ୱୀକାର ରସିଦ୍ ଦେବେ । ଜିଲ୍ଲା ମାଜିଷ୍ଟ୍ରେଟ୍ ଫର୍ମ-'ସି' ଅନୁଯାୟୀ ନିଜ କାର୍ଯ୍ୟାଳୟରେ ଏସମସ୍ତ ସୂଚନାକୁ ଲିପିବଦ୍ଧ କରିବା ପାଇଁ ଏକ ରେଜିଷ୍ଟର୍ ରଖିବେ ଏବଂ ଫର୍ମ-'ଡି'ରେ ସରକାରଙ୍କୁ ଏ ବିଷୟରେ ଏକ ମାସିକ ବିବରଣୀ ପ୍ରଦାନ କରିବେ । ଆଇନ୍‌ର ଧାରା-୫ ଅନୁଯାୟୀ ବେଆଇନ୍ ଧର୍ମାନ୍ତରୀକରଣ ଏକ ଧର୍ତ୍ତବ୍ୟ ଅପରାଧ ଅଟେ ଏବଂ ଧାରା-୪ ଅନୁଯାୟୀ ଅପରାଧୀ ଉପରେ ଏକବର୍ଷ ପର୍ଯ୍ୟନ୍ତ ଅଶ୍ରମ ବା ସଶ୍ରମ କାରାଦଣ୍ଡ ସହିତ ପାଞ୍ଚ ହଜାର ଟଙ୍କାର ଜୋରିମାନା ଏବଂ ଯଦି ଧର୍ମାନ୍ତରିତ ହେଉଥିବା ବ୍ୟକ୍ତି ଅନୁସୂଚୀତ ଜାତି କିମ୍ବା ଜନଜାତି ହୋଇଥାନ୍ତି, ତେବେ କାରାଦଣ୍ଡ ଦୁଇବର୍ଷ ସହିତ ଜୋରିମାନା ଦଶ ହଜାର ଟଙ୍କାକୁ ବୃଦ୍ଧି ହୋଇପାରେ । ପୁଣି ନିୟମ-୮ ଅନୁଯାୟୀ ଯଦି ଯଥାବିଧି ପୁରୋହିତ ଅବଗତି କରିନଥାନ୍ତି ବା ମାଜିଷ୍ଟ୍ରେଟ୍ ଯଦି ଅବଗତିର ପ୍ରାପ୍ତି-ସ୍ୱୀକାର ରସିଦ୍ ନଦେଇଥାନ୍ତି, ତେବେ ପ୍ରତ୍ୟେକଙ୍କୁ ଏକହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରା ଯିବ । ମନେ ହୁଏ, ବେଆଇନ୍ ଧର୍ମାନ୍ତରୀକରଣକୁ ରୋକିବା ପାଇଁ ଓଡିଶା ଭଳି ଏତେ ସୁନ୍ଦର ଆଇନ୍ ଆଉ କେଉଁଠି ନାହିଁ । କିନ୍ତୁ, ପ୍ରକୃତ ସମସ୍ୟା ରହିଛି ଏହାର କାର୍ଯ୍ୟକାରିତାକୁ ନେଇ । ଏହାକୁ ତ ରାଜ୍ୟ ସରକାର ପ୍ରଶାସନକୁ ଲଗେଇ କାର୍ଯ୍ୟକାରୀ କରିବା କଥା ! ଗତ ଆଠବର୍ଷ ଧରି ବିଜେପି ଦଳ ନିଜେ ଓଡିଶାର ମେଣ୍ଟ ସରକାରରେ କ୍ଷମତାସୀନ ରହିଆସିଛି । ସେମାନେ ଏହାକୁ ଠିକ୍ ରୂପେ କାର୍ଯ୍ୟକାରୀ କରିବା ପାଇଁ କ'ଣ କରିଛନ୍ତି ? କେତେ ଅପରାଧୀଙ୍କୁ ଜେଲ୍ ଓ ଜୋରିମାନାରେ ଦଣ୍ଡିତ କରିଛନ୍ତି ? ସର୍ବୋପରି ବି.ଜେ.ପି.ର ଦଳୀୟ କର୍ମୀମାନେ ନିଜେ ଏହି ଆଇନ୍ ବିଷୟରେ ଜାଣିଛନ୍ତି କି ? ଚୋର କହୁଛି ଚୋରକୁ ଧର, ଏହାହିଁ ମୋଟ ଉପରେ ବି.ଜେ.ପି.ର ମତିଗତି । ଲୋକମାନଙ୍କର ଅଜ୍ଞତାର ସୁଯୋଗ ନେଇ ତଥା ଅସଲ ପ୍ରଶ୍ନ ଉପରୁ ସେମାନଙ୍କର ଧ୍ୟାନ ଏଡାଇ ରଖିବା ପାଇଁ ତଥା କେବଳ ଆଗାମୀ ନିର୍ବାଚନ ଦୃଷ୍ଟିରୁ ନିଜ ସପକ୍ଷରେ ଏକ ସାଂପ୍ରଦାୟିକ ଭୋଟ୍‌ବ୍ୟାଙ୍କ୍ ଗଢିତୋଳିବା ଉଦ୍ଦେଶ୍ୟରେ ସେମାନେ ପୁଣି ଧର୍ମାନ୍ତରୀକରଣ ଉପରେ ଏକ ନୂଆ ଆଇନ୍ ପାଇଁ ଦାବୀ କରୁଛନ୍ତି ।

**ମଧୁବାବୁ କାହିଁକି ଖ୍ରୀଷ୍ଟିୟାନ୍ ହୋଇଥିଲେ ?**

ଆଧୁନିକ ଓଡିଶାର ପ୍ରତିଷ୍ଠାତା କୁଳବୃଦ୍ଧ ମଧୁସୂଦନ ଜନ୍ମିଥିଲେ ଏକ ସମ୍ଭ୍ରାନ୍ତ ଜମିଦାର ତଥା ଉଚ୍ଚବର୍ଣ୍ଣ କରଣ ପରିବାରରେ । ସେ କାହିଁକି ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ? କାରଣ, ସେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବାକୁ ଚାହିଁବାରୁ ତାଙ୍କୁ ହିନ୍ଦୁ ଧର୍ମ ନାଁରେ ଘରୁ ବାଛନ୍ଦ କରାଗଲା । ସେ ଧର୍ମବିଶ୍ୱାସୀ ଥିବାରୁ ନିଜ ଧର୍ମରୁ ତଡାଖାଇବା ପରେ ବାଧ୍ୟ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ଓ ଶେଷପର୍ଯ୍ୟନ୍ତ ଖ୍ରୀଷ୍ଟୀୟାନ୍ ହିଁ ରହିଲେ । ତାଙ୍କର ସେହି ଉଚ୍ଚଶିକ୍ଷା ଖ୍ରୀଷ୍ଟଧର୍ମର କ'ଣ

କଲ୍ୟାଣ କରିଛି, ତାହା ହୁଏତ୍ କେହି କହିପାରିବେନି, କିନ୍ତୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡିଆ କହିବ, ସେ ଓଡିଆ ଜାତି ପାଇଁ କ'ଣ କରିଛନ୍ତି ଏବଂ ବିଶେଷକରି ହିନ୍ଦୁମାନଙ୍କର ଜଗନ୍ନାଥ ମନ୍ଦିର ପାଇଁ କ'ଣ କରିଛନ୍ତି ? ମଧୁବାବୁଙ୍କ ସମୟର ସଂକୀର୍ଣ୍ଣ ଜାତିଆଣ ସ୍ଥିତିରେ ଯେ କିଛି ପରିବର୍ତ୍ତନ ହୋଇନାହିଁ ତାହା ନୁହେଁ । ହୁଏତ୍ ଦେଖାଯିବ, ସେବେଠାରୁ ଏହାଭିତରେ କରଣ ଜାତିର ଲୋକେ ହିଁ ବେଶୀ ସଂଖ୍ୟାରେ ବିଦେଶ ଯାତ୍ରା କରି ସମାଜର ବିଭିନ୍ନ ଶୀର୍ଷସ୍ଥାନ ମଣ୍ଡନ କରିଛନ୍ତି । କିନ୍ତୁ ହିନ୍ଦୁଧର୍ମ ନାଁରେ ବିଭିନ୍ନ କଠୋର ଜାତିଆଣ ବାରଣ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛି, ଏବଂ ଏହାର ଶୀକାର ହୋଇଚାଲିଛନ୍ତି ବିଭିନ୍ନ ପ୍ରକାରର ଉଚ୍ଚାଭିଳାଷ ପୋଷଣ କରିଥିବା ଦଳିତ ଶ୍ରେଣୀର ଲୋକେ । ଏବେ ବି ଓଡିଶାର ଗାଁ ମାନଙ୍କରେ ବିଭିନ୍ନ ଜାତିର ଲୋକଙ୍କ ପାଇଁ ବିବାହବ୍ରତରେ ପଙ୍ଗତ ଅଲଗା, ବ୍ରାହ୍ମଣ ଅଲଗା, ନଳକୂଅ ଅଲଗା, ତୁଠ ଅଲଗା, ଏପରି କି ମଶାଣି ଅଲଗା । ତେଣୁ ମଧୁବାବୁଙ୍କ ଜୀବନରୁ ଶିକ୍ଷା ନେଇ ପ୍ରତି ଓଡିଆ ନିଜ ଓ ନିଜ ଜନଗୋଷ୍ଠୀର ଅଗ୍ରଗତି ସ୍ୱାର୍ଥରେ ନିଜେ ଠିକ୍ କରିବ, ସେ ଆସ୍ତିକ ହେବ କି ନାସ୍ତିକ ହେବ, କେଉଁ ଧର୍ମ ଗ୍ରହଣ କରିବ, କେଉଁଠି ଉପାସନା କରିବ, କାହାକୁ ଦିଅଁ ବୋଲି ମାନିବ, କାହାକୁ ବାହା ହେବ, କେଉଁ ପର୍ବ ପାଳିବ, କ'ଣ ପିନ୍ଧିବ, ନିଜର ପୁଅଝିଅଙ୍କ ନାଁ କ'ଣ ରଖିବ, ପୁଷ୍ଟିସାଧନ ପାଇଁ କେଉଁ ମାଂସ ଖାଇବ ଇତ୍ୟାଦି, ଇତ୍ୟାଦି ।

**ଆମ୍ବେଦକର କାହିଁକି ହିନ୍ଦୁଧର୍ମ ବର୍ଜ୍ଜନ କଲେ ?**

ସମସ୍ତେ ଜାଣନ୍ତି, ଅସ୍ପୃଶ୍ୟ ମାହାର ଜାତିରେ ଜନ୍ମଗ୍ରହଣ କରିଥିବା ଡକ୍ଟର ବାବାସାହେବ ଆମ୍ବେଦକର ନିଜର ବିଦ୍ୟାବୁଦ୍ଧି ବଳରେ ଦେଶର ଦଳିତ ଜନତାର ଜଣେ ନିର୍ବିବାଦ ଜନନେତା ହେବା ସହିତ ପରିଶେଷରେ ସମ୍ବିଧାନ ପ୍ରଣୟନ କମିଟିର ଅଧ୍ୟକ୍ଷ ହୋଇ ପାରିଥିଲେ । ଜୀବନ ସାରା ରକ୍ଷଣଶୀଳ ହିନ୍ଦୁବାଦୀମାନଙ୍କ ସହ ତାଙ୍କର ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ସେ ସେପର୍ଯ୍ୟନ୍ତ ନିଜକୁ ହିନ୍ଦୁ ମନେ କରୁଥିଲେ । ସେ ଭାବିଥିଲେ, ସମ୍ବିଧାନରେ ଧାର୍ମିକ ସ୍ୱାଧୀନତା ଓ ଅସ୍ପୃଶ୍ୟତା ନିବାରଣ ପାଇଁ କଡାକଡି ବ୍ୟବସ୍ଥାମାନ ରଖିଦେଲେ ଧର୍ମ ଓ ଜାତିକୁ ନେଇ ମଣିଷ ମଣିଷ ଭିତରେ ଯେଉଁ ଛୁଆଁଅଛୁଆଁ ଓ ଉଚ୍ଚନୀଚ ଭେଦଭାବ ରହିଛି, ତାହା ଦୂରୀଭୂତ ହେବାର ରାସ୍ତା ପରିଷ୍କାର ହୋଇଯିବ ଏବଂ ରାଷ୍ଟ୍ର ଦଳିତ ଓ ସଂଖ୍ୟାଲଘୁମାନଙ୍କ ସ୍ୱାର୍ଥରେ କାର୍ଯ୍ୟକରିବ । କିନ୍ତୁ ସମ୍ବିଧାନ ଘୋଷଣା ହେବାର ଅଳ୍ପ କେଇବର୍ଷ ଭିତରେ ତାଙ୍କର ମୋହଭଙ୍ଗ ଘଟିଲା । ସେ ମର୍ମେମର୍ମେ ଅନୁଭବ କଲେ ଯେ, ଯେଉଁ ହିନ୍ଦୁଧର୍ମ ଜନ୍ମରୁ, ଏପରିକି ମାତୃଗର୍ଭରୁ ଜଣେ ବ୍ୟକ୍ତିକୁ ସାରା ଜୀବନ ପାଇଁ ଉଚ୍ଚ କିମ୍ବା ନୀଚ, ସ୍ପୃଶ୍ୟ କିମ୍ବା ଅସ୍ପୃଶ୍ୟର ସ୍ଥାନ ନ୍ୟସ୍ତ କରୁଛି, ସେହି ଧର୍ମର ସଂକୁଚିତ ଗଣ୍ଡି ଭିତରେ ପଡିରହି ତାଙ୍କର ମାହାର ଜାତିର ଲୋକେ ସବର୍ଣ୍ଣ ହିନ୍ଦୁମାନଙ୍କ ସହ ଏକାଠି ବସି ଗୋଟିଏ ମନ୍ଦିରରେ ଉପାସନା କରି ପାରିବେ ନାହିଁ କିମ୍ବା ବ୍ରାହ୍ମଣମାନଙ୍କୁ ସେମାନଙ୍କ ବିବାହବ୍ରତ ଇତ୍ୟାଦି ଅନୁଷ୍ଠାନରେ ପୁରୋହିତ ହେବା ପାଇଁ ବାଧ୍ୟ କରିପାରିବେ ନାହିଁ । ତେଣୁ ସେ ନିଜର ମାହାର ଜାତିଭାଇଙ୍କ ପାଇଁ ଖୋଜିଲେ ଏଭଳି ଏକ ଧର୍ମ, ଯେଉଁଥିରେ ଅନ୍ତତଃ ସମସ୍ତେ ଏକାଠି ବସି ଭଗବାନଙ୍କ ଉପାସନା କରିପାରିବେ । ଏବଂ ଏଇଥି ପାଇଁ ସେ ଜୀବନର ଶେଷ ପର୍ବରେ ନିଜର ଲକ୍ଷଲକ୍ଷ ଦଳିତ ଭାଇଭଉଣୀଙ୍କୁ ନେଇ ହିନ୍ଦୁଧର୍ମକୁ ଆନୁଷ୍ଠାନିକ ଭାବେ ବର୍ଜ୍ଜନ କଲେ ଓ ବୌଦ୍ଧଧର୍ମ ଗ୍ରହଣ କଲେ । ଏଠାରେ ଉଲ୍ଲେଖନୀୟ ଯେ, ଆମ୍ବେଦକରଙ୍କ ପରେ ଏ ଦେଶରେ ଅନେକ ଦଳିତ ନେତା ଓ ନେତ୍ରୀ ବାହାରିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଅନେକ ବାହାରିବେ, କିନ୍ତୁ ଏକ ସକାରାତ୍ମକ ଓ ସଂସ୍କାରବାଦୀ ଦୃଷ୍ଟିଭଙ୍ଗୀ ନେଇ ଜଣେ ଦଳିତ ବ୍ୟକ୍ତି ହିନ୍ଦୁଧର୍ମ ସମ୍ବନ୍ଧରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ହେବା ନିଶ୍ଚିତ ରୂପେ ଏକ ବିରଳ ଦୃଷ୍ଟାନ୍ତ ହୋଇ ରହିବ । ଆମ୍ବେଦ୍କରଙ୍କୁ ଜଣେ ସଂବିଧାନ-ବିଶାରଦ ରୂପେ ଗ୍ରହଣ କରିବା କ୍ଷେତ୍ରରେ ଏହି ଲେଖକର ଦ୍ୱିଧା ରହିଛି; ସେ ନିଜେ ମଧ୍ୟ ପରବର୍ତ୍ତୀ ସମୟରେ ସଂବିଧାନକୁ ପ୍ରତ୍ୟାଖ୍ୟାନ କରିଥିଲେ; କିନ୍ତୁ ଏକଥା ମୁକ୍ତକଣ୍ଠରେ ସ୍ୱୀକାର କରୁଛି ଯେ, ହିନ୍ଦୁଧର୍ମର ବେଦ, ବେଦାନ୍ତ, ଉପନିଷଦ୍, ପୁରାଣ, ଭାଷ୍ୟ କି ଟୀକା ଏମିତି କୌଣସି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ନଥିଲା, ଯାହାକୁ ଆମ୍ବେଦକର ପଢିନଥିଲେ ଏବଂ ତର୍ଜ୍ଜମା କରିନଥିଲେ । ଯେ କେହି ବ୍ୟକ୍ତି ତାଙ୍କର ଅସଂଖ୍ୟ ରଚନା ଭିତରୁ ଯଦି କେବଳ ଦୁଇଟି ଗ୍ରନ୍ଥ 'କେଉଁମାନେ ଶୂଦ୍ର ଥିଲେ ?' (୧୯୪୬) ଏବଂ 'ଅଛୁଆମାନେ ' (୧୯୪୮) ପଢନ୍ତି, ତେବେ ସେ ଏକଥାର ମହତ୍ୱ ବୁଝିପାରିବେ । ହିନ୍ଦୁଧର୍ମକୁ କେନ୍ଦ୍ରକରି ସମଗ୍ର ଭାରତୀୟ ଭୂଖଣ୍ଡର ନୃତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ କ୍ରମବିବର୍ତ୍ତନର ଏକ ତର୍କସିଦ୍ଧ ଆଲେଖ୍ୟ ଏହି ଦୁଇଟି ନାତିଦୀର୍ଘ ଗ୍ରନ୍ଥରେ ପ୍ରାଞ୍ଜଳ ଭାବେ ଉପସ୍ଥାପିତ ହୋଇଛି । କିନ୍ତୁ ବିଡମ୍ବନାର ବିଷୟ, ଶେଷପର୍ଯ୍ୟନ୍ତ ହିନ୍ଦୁବାଦୀ ନେତା ଓ ପଣ୍ଡିତମାନେ ହିନ୍ଦୁଧର୍ମ ପ୍ରତି ଆମ୍ବେଦକରଙ୍କ ଏହି ଅଭୂତପୂର୍ବ ବୌଦ୍ଧିକ ଅବଦାନକୁ ସ୍ୱୀକାର କି ଚର୍ଚ୍ଚା ତ କରିନାହାନ୍ତି, ବରଂ ବିଦ୍ରୁପ କରିଚାଲିଛନ୍ତି (ଯଥା, ଅରୁଣ ସୌରୀଙ୍କ 'ମିଥ୍ୟା ଇଶ୍ୱରମାନଙ୍କୁ ପୂଜା' ୧୯୯୭) । ଏହାଫଳରେ ଆମ୍ବେଦକରଙ୍କ ଗାରିମାର କିଛି ଊଣା ହୋଇନି, ବରଂ ହିନ୍ଦୁବାଦ ହିଁ ନିଜେ ଗରୀବ ହୋଇପଡିଛି ।

**ହିନ୍ଦୁବାଦୀମାନଙ୍କୁ ଆହ୍ୱାନ୍**

ବି.ଜେ.ପି. ଭଳି ହିନ୍ଦୁବାଦୀମାନେ ଯଦି ପ୍ରକୃତରେ ହିନ୍ଦୁଧର୍ମକୁ ଭଲ ପାଉଥାନ୍ତି, ତେବେ ସେମାନେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭିତରେ ସେହିସବୁ ସଂସ୍କାର ଆଣିବା ପାଇଁ ଯତ୍ନ କରନ୍ତୁ, ଯାହା ଫଳରେ ମଧୁବାବୁ କି ଆମ୍ବେଦକରଙ୍କ ଭଳି ବ୍ୟକ୍ତି ଏହି ଧର୍ମକୁ ବର୍ଜ୍ଜନ କରି ଅନ୍ୟ ଧର୍ମ ଗ୍ରହଣ କରିବାକୁ ମନ ବଳାଇବେ ନାହିଁ । ହୁଏତ୍ ସେମାନେ କହିପାରନ୍ତି, ଏସବୁ ଅତୀତରେ ଘଟୁଥିଲା, ଏବେ ସେପ୍ରକାର ପରିସ୍ଥିତି ନାହିଁ । କିନ୍ତୁ ଏଇମାତ୍ର ଦୁଇବର୍ଷ ତଳେ କେନ୍ଦ୍ରାପଡା ଜିଲ୍ଲାରେ କେରଡାଗଡ ଜଗନ୍ନାଥ ମନ୍ଦିରରେ ଦଳିତମାନଙ୍କ ପ୍ରବେଶାଧିକାରକୁ ନେଇ ଏଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଲା ଯେ, ସଂପୃକ୍ତ ଦଳିତ ପରିବାରମାନେ ହିନ୍ଦୁଧର୍ମ ବର୍ଜ୍ଜନ କରି ବୌଦ୍ଧଧର୍ମ ଗ୍ରହଣ କରିବା ପର୍ଯ୍ୟନ୍ତ କଥାଗଲା । ତେଣୁ ଅନ୍ୟ ଧର୍ମାବଲମ୍ବୀଙ୍କ ପ୍ରତି ଉଦାରତା ଭିନ୍ନ କଥା, ପ୍ରଥମେ ନିଜ ହିନ୍ଦୁଧର୍ମର ଛତ୍ରତଳେ ଥିବା ବିଭିନ୍ନ ଜାତିର ଲୋକେ କିପରି ଏକାଠି ପଙ୍ଗତରେ ଖାଇପାରିବେ, ପରସ୍ପରର ଘରକୁ ଯାଆସ କରିପାରିବେ, ଏକାତୁଠରେ ଗାଧୋଇପାରିବେ, ପର୍ବପର୍ବାଣି ପାଳନ କରିପାରିବେ, ଭଲପାଇ ବାହା ହୋଇପାରିବେ ଏବଂ ସର୍ବୋପରି ମନ୍ଦିରରେ ଏକାଠି ପୂଜାପ୍ରାର୍ଥନା କରିପାରିବେ, ସେଦିଗରେ ହିନ୍ଦୁବାଦୀମାନେ ଧ୍ୟାନଦେବା ଜରୁରୀ । ଏକଥା ମଧ୍ୟ ଏକ କରୁଣ ସତ୍ୟ, ହିନ୍ଦୁଧର୍ମ ଭଳି ପ୍ରତି ଧର୍ମ ଭିତରେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଅଛନ୍ତି, ଯେଉଁମାନେ ଚାହାଁନ୍ତି କି, ହିନ୍ଦୁଧର୍ମ ଭିତରେ ଛୁଆଁଅଛୁଆଁ ଭେଦଭାବ ଲାଗିରହିଲେ, ଗୋଳିଆପାଣିରେ ଶେଉଳ ଧରିବା ସହଜ ଭଳି ସେମାନେ ବିକ୍ଷୁବ୍ଧ ହିନ୍ଦୁମାନଙ୍କୁ ନିଜର ଶିବିରକୁ ଯେନତେନ ପ୍ରକାରେଣ ଟାଣିଆଣି ପାରିବେ । ସୁତରାଂ, ମଧୁବାବୁଙ୍କ କଥା 'ଆପଣା ମହତ ଆପେ ରଖି' ନ୍ୟାୟରେ ହିନ୍ଦୁବାଦୀମାନେ ଯଦି ନିଜ ଧର୍ମାବଲମ୍ବୀଙ୍କ ଭିତରେ ସମାନତା ଆଣିପାରନ୍ତି, ତେବେ ଅନ୍ୟ ଧର୍ମର ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ପ୍ରବଞ୍ଚନା-ଭିତ୍ତିକ ଧର୍ମାନ୍ତରୀକରଣର ଚକ୍ରାନ୍ତ ଆପେ ଆପେ ପଣ୍ଡ ହୋଇଯିବ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, 2nd Sept. 2008